0

SRI SRI UNIVERSITY

satyam gyanam anantham brahma

Learn Lead Serve

# NEWS CLIPS

# APRIL ,2024

03.04.2024

# Sri Sri University Hosts Yogotsav-2024- A 100 Day Count Down To International Yoga Day

Share

- Sri Sri University included in top 100 institutes by Ministry of AYUSH
- 79 days left until International Day of Yoga
- 1200 students from leading educational institutions participated in the event

Cuttack : The mega Yoga event 'Yogotsav-2024' has been organized in Sri Sri University here on Wednesday, the 3rd March 2024. Sri Sri University is one among the 100 organizations across the country who got an invitation from Morarji Desai National Institute of Yoga (MDNIY), Ministry of AYUSH to host the countdown of International Day of Yoga for the third consecutive year. This 'Yogotsav' is unique as it is being observed by 100 Organizations in 100 cities for 100 days in connection with the celebration of 100 days countdown to International Day of Yoga-2024. On the 79th day to the Countdown to International Day of Yoga-2024, in the premises of Sri Sri University it has been observed the grand 'Yogotsav' in presence of more than 1200 participants.

In this mega event Yogacharya Dr. Hare Ram Pandey (Dept. of Yoga) Indira Gandhi National Tribal University, Amarkantak, M. P. was the chief Guest. He is also the General secretary of University Sports Board, Life member of Bhartiy Darshan Parishad, Indian academy of yoga, etc. He has published 8

books and 38 research papers in his career and has been awarded 'Chikitsa Ratna' award during his tenure as the editor of 'Yoga Path' magazine.
In his brief address, Dr. Pandey highlighted the importance of regular yoga practice for maintaining a healthy body and mind. He shared his personal experience of achieving remarkable results in his NET examination at the age of 48 through regular yoga, pranayama, yoga nidra, and super brain yoga practices. He emphasized the role of yoga in transforming lives positively and urged everyone to incorporate it into their daily routine for holistic development.
The President of Sri Sri University, Prof. Mrs. Rajita Kulkarni advised the students to appreciate the positive energy of hard work, stating, "Regular hard work is essential. Maintaining physical fitness is crucial for human well-being."
Speaking on the occasion, Prof. Dr. B.R. Sharma, Vice-Chancellor of the University, emphasized the significance of maintaining a sound mind in a healthy body. He stated, "A healthy body is possible only with a healthy mind. Contentment lies in a disciplined lifestyle where we avoid everything that hinders our physical and mental well-being." Swami Satyachaitanya, Director Operations and Dr. Deepa Vinay, Executive Registrar advocated for a positive attitude towards hard work and the importance of physical health for human well-being. Faculty of Health and Wellness along with Asst. Prof. Dr. Pratibhashree and Dr. Jyoti Sharma, spearheaded the organization of the event.
1200 participants of the yoga program along with 65 students from Ravenshaw University, 65 from Banki College, 70 from Shobhaniya Sikhysshram, 100 from Godisahi Higher Secondary School, 50 from Arihant Gurukul, 150 from Jawahar Navodaya Vidyalaya, 50 from Mancheswar Kendriya Vidyalaya and 20 from Odisha Adarsh Vidyalaya were being advised by the guests. More active student participants from various institutions also had been into Yogotsav. Additionally, more than a hundred students from Sri Sri University voluntarily took part in the

celebration, where they actively engaged in various activities aimed at promoting peace, goodwill and unity. At the end of the event the Dean, Faculty of Health and Wellness Prof. Tirthankar Ghosh has given the vote of thanks.

Sri Sri University is committed for holistic education and spreading health and well-being as one of its core principle.

ପ୍ରମେୟ
THE PRAMEYA

03.04.2024

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ଉତ୍ସବ

କଟକ/ନରାଜ, ୩।୪(ବ୍ୟୁରୋ/ଆପ୍ର): କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅନ୍ତର୍ଗତ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର 'ଯୋଗ ଉତ୍ସବ-୨୦୨୪' ନାମରେ ଏକ ବିଶାଳ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଧ୍ୟପ୍ରଦେଶ ଅମରକଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ନ୍ୟାସନାଲ ଟ୍ରାଇବାଲ ୟୁନିଭର୍ସିଟିର ଯୋଗାଚାର୍ଯ୍ୟ ତଥା ୟୁନିଭର୍ସିଟି ସ୍ପୋର୍ଟସ୍ ବୋର୍ଡର ସାଧାରଣ ସମ୍ପାଦକ ଡ. ହରେରାମ ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଯୋଗ ହେଉ ଭାରତୀୟ ଜ୍ଞାନ ପରମ୍ପରାରେ ଯୋଗ ଏପରି ଏକ ବିଷୟ, ଯାହା ଆପଣଙ୍କ ଜୀବନ ଓ କ୍ୟାରିଅରକୁ ପରିବର୍ତ୍ତନ କରିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ ।

ଅନ୍ତର୍ଜାତୀୟ ଯୋଗ ଦିବସର ୧୦୦ ଦିନ ପୂର୍ବରୁ ଏହାର ଅବଗଣନା ଜରିଆରେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଉତ୍କଣ୍ଠା ଓ ଉତ୍ସାହ ସୃଷ୍ଟି କରାଯାଉଛି । ଏଥିପାଇଁ ନୂଆଦିଲ୍ଲୀସ୍ଥିତ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ ୧୦୦ ଦିନରେ ୧୦୦ଟି ସହରର ୧୦୦ଟି ଅନୁଷ୍ଠାନକୁ ଯୋଡ଼ିବାକୁ ଆରମ୍ଭ ହୋଇଥିବା ପ୍ରୟାସରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି । ଏହି ଅବଗଣନାର ୭୯ତମ ଦିବସରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଫାକଲ୍ଟି ଅଫ୍ ହେଲଥ ଆଣ୍ଡ୍ ୱେଲନେସ ପକ୍ଷରୁ ସହଯୋଗୀ ପ୍ରାଧ୍ୟାପିକା ଡ. ପ୍ରତିଭାଶ୍ରୀ, ଡ. ଜ୍ୟୋତି ଶର୍ମା ଶିବିର ପରିଚାଳନା କରିଥିଲେ ।



ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବି. ଆର୍. ଶର୍ମା ଯୋଗଦେଇ ସୁସ୍ଥ ଶରୀରରେ ହିଁ ଏକ ସୁସ୍ଥ ମନ ରହିବା ସମ୍ଭବ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ରଜିତା କୁଲକର୍ଣ୍ଣୀ, କୁଳସଚିବ ଡ. ଦୀପା ବିନୟ ପ୍ରମୁଖ ଯୋଗାଭ୍ୟାସ ପାଇଁ ପରାମର୍ଶ ଦେଇଥିଲେ । ଶିବିରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ବାଙ୍କି ମହାବିଦ୍ୟାଳୟର, ଶୋଭନୀୟ ଶିକ୍ଷାଶ୍ରମ, ଗୋର୍ଦ୍ଦସାହି ଉଚ୍ଚ ବିଦ୍ୟାଳୟ, ଅରିହନ୍ତ ସ୍କୁଲ୍, ଜବାହର ନବୋଦୟ ବିଦ୍ୟାଳୟ, ମଞ୍ଚେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ଯୋଗାଭ୍ୟାସକାରୀଙ୍କୁ ମିଶାଇ ସମୁଦାୟ ୧୨୦୦ ଜଣ ଅଂଶଗ୍ରହଣ କରିଥିଲେ । ଶେଷରେ ଫାକଲ୍ଟି ଅଫ୍ ହେଲଥ୍ ଆଣ୍ଡ୍ ୱେଲନେସ୍ ଡିନ୍ ପ୍ରାଧ୍ୟାପକ ତୀର୍ଥଙ୍କର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ଜନସାଧାରଣଙ୍କ ସ୍ୱର

**03.04.2024**

# ଅନ୍ତର୍ଜାତୀୟ ଯୋଗ ଦିବସ ଅବ୍ୟବହିତ ପୂର୍ବରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗୋତ୍ସବ

ବାରଙ୍ଗ,(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅନ୍ତର୍ଗତ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର 'ଯୋଗୋତ୍ସବ-୨୦୨୪' ନାମରେ ଏକ ବିଶାଳ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧ୍ୟପ୍ରଦେଶ ଅମରକଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ନ୍ୟାସନାଲ ଟ୍ରାଇବାଲ ୟୁନିଭର୍ସିଟିର ଯୋଗାଚାର୍ଯ୍ୟ ତଥା ୟୁନିଭର୍ସିଟି ସ୍ପୋର୍ଟ୍ସ ବୋର୍ଡର ସାଧାରଣ ସମ୍ପାଦକ ଡଃ. ହରେରାମ ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଡଃ. ପାଣ୍ଡେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟସ୍ଥିତ 'ଆନ୍ତଃ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ'ର ପ୍ରକଳ୍ପ ପରାମର୍ଶଦାତା ମଧ୍ୟ ରହିଛନ୍ତି । ଅଦ୍ୟାବଧି ତାଙ୍କର ଆଠଟି ପୁସ୍ତକ ପ୍ରକାଶିତ ହୋଇଥିବା ବେଳେ ୩୭ଟି ଗବେଷଣାତ୍ମକ ସନ୍ଦର୍ଭ ମଧ୍ୟ ପ୍ରକାଶପାଇଛି । ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ଡଃ. ପାଣ୍ଡେ ଯୋଗାଭ୍ୟାସର ଗୁଣଗାନ କରିବାକୁ ଯାଇ କହିଥିଲେ, "୪୮ ବର୍ଷ ବୟସରେ ଯେତେବେଳେ ମୁଁ ନେଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲି, ସେତେବେଳେ ପ୍ରାଣାୟାମ, ଯୋଗନିଦ୍ରା ଏବଂ ସୁପର ବ୍ରେନ୍ ଯୋଗ କରିବା ଦ୍ୱାରା ଉକ୍ତ ପରୀକ୍ଷାରେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେଇ ପାରିଥିଲି । ଫଳରେ ମାତ୍ର ୩୫ ଦିନର ପ୍ରସ୍ତୁତିରେ ମୁଁ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲି ।ଭାରତୀୟ ଜ୍ଞାନ ପରମ୍ପରାରେ ଯୋଗ ଏପରି ଏକ ବିଷୟ, ଯାହା ଆପଣଙ୍କ ଜୀବନ ଓ କ୍ୟାରିଅରକୁ ପରିବର୍ତ୍ତନ କରିବାରେ ସହାୟକ ହେବ ।" ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ଯୋଗ ଦିବସର ୧୦୦ ଦିନ ପୂର୍ବରୁ ଏହାର ଅବଗଣନା କରିଆରେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଉତ୍କଣ୍ଠା ଓ ଉତ୍ସାହ ସୃଷ୍ଟି କରାଯାଉଛି । ଏଥିପାଇଁ ନୂଆଦିଲ୍ଲୀସ୍ଥିତ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ ୧୦୦ ଦିନରେ ୧୦୦ଟି ସହରର ୧୦୦ଟି ଅନୁଷ୍ଠାନକୁ ଯୋଡ଼ିବାକୁ ଆରମ୍ଭ ହୋଇଥିବା ପ୍ରୟାସରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ୟତମ ମୁଖ୍ୟ ପୁରୋଧା ସାଜିଛି । ତେବେ ଏହି ଅବଗଣନାର ୭୯ତମ ଦିବସରେ ତଥା ୨୦୨୪ଅନ୍ତର୍ଜାତୀୟ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଏହାକୁ ଦିବ୍ୟ ଓ ଭବ୍ୟ ରୂପେ ପାଳନ କରିବାକୁ ବିଶ୍ୱବିଦ୍ୟାଳୟ ଏହି ଯୋଗୋତ୍ସବ ଆୟୋଜନ କରିଥିଲା । 'ଫାକଲ୍ଟି ଅଫ୍ ହେଲଥ ଆଣ୍ଡ୍ ୱେଲନେସ୍' ପକ୍ଷରୁ ସହଯୋଗୀ ପ୍ରାଧ୍ୟାପିକା ଡଃ. ପ୍ରତିଭାଶ୍ରୀ ଏବଂ ଡଃ. ଜ୍ୟୋତି ଶର୍ମା ଶିବିର ପରିଚାଳନା କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ଅଧକ୍ଷା ପ୍ରାଧ୍ୟାପିକା ଡଃ. ରଜିତା କୁଲକର୍ଣ୍ଣୀ କଠିନ ପରିଶ୍ରମର ସକାରାତ୍ମକ ଉର୍ଜା ସମ୍ପର୍କରେ ପ୍ରକାଶ କରିବାକୁ ଯାଇ କହିଥିଲେ," ନିୟମିତ ଭାବରେ କଠିନ ପରିଶ୍ରମ କରିବା ଏକାନ୍ତ ଆବଶ୍ୟକ । ଶାରୀରିକ ଭାବରେ ସୁସ୍ଥ ଓ ନିରୋଗ ରହିବା ମନୁଷ୍ୟ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଆଉ ଏଥିପାଇଁ ଯାହା ଆବଶ୍ୟକ, ତାହା ହେଉଛି ଯୋଗ ।" ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ. ବି. ଆର୍. ଶର୍ମା ଯୋଗଦେଇ କହିଥିଲେ, "ସୁସ୍ଥ ଶରୀରରେ ହିଁ ଏକ ସୁସ୍ଥ ମନ ରହିବା ସମ୍ଭବପର । ନଚେତ୍ ଖୁସିରେ ରହିବାକୁ ଆମ ପକ୍ଷ ଥରେ ଭୁଲ୍ ହୋଇଗଲେ ଆମେ ସାରା ଜୀବନ ଏକ ଭୁଲ୍ ଜୀବନଶୈଳୀ ବଞ୍ଚିବାକୁ ବାଧ୍ୟ ହେଉ । ଆମ ବ୍ୟକ୍ତିତ୍ୱର ବିକାଶରେ ଖାଦ୍ୟର ବହୁତ ବଡ଼ ଯୋଗଦାନ ରହିଛି । ମଣିଷ ଜରାଗ୍ରସ୍ତ କିମ୍ବା ନିରୋଗ ରହିବ ଏହା ତା'ର ଆହାର ହିଁ ନିର୍ଦ୍ଧାରଣ କରେ ।"କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପରିଶ୍ରମର ସକାରାତ୍ମକ ଉର୍ଜା ସମ୍ପର୍କରେ ପ୍ରଶଂସା କରବାକୁ ଯାଇ କହିଥିଲେ, "ବେଳେବେଳେ ପରିଶ୍ରମ କରି ଥକିଯିବା ଆବଶ୍ୟକ । ଶାରୀରିକ ଭାବରେ ଥକିଯିବା ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ।"ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳସଚିବ ଡଃ. ଦୀପା ବିନୟ ଯୋଗାଭ୍ୟାସକୁ ଜୀବନର ଏକ ଅଭିନ୍ନ ଅଙ୍ଗରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ । ଏହି ଯୋଗ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୬୫ ଜଣ ଛାତ୍ରଛାତ୍ରୀ, ବାଙ୍କି ମହାବିଦ୍ୟାଳୟର ୬୫, ଶୋଭନୀୟ ଶିକ୍ଷାଶ୍ରମର ୭୦, ଗୋଡ଼ିସାହି ଉଚ୍ଚ ବିଦ୍ୟାଳୟର ୧୦୦, ଅରିହନ୍ତ ଗୁରୁକୁଳର ୫୦, ଜବାହର ନବୋଦୟ ବିଦ୍ୟାଳୟର ୧୫୦, ମଣ୍ଡେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ୫୦ ଏବଂ ଆଦର୍ଶ ବିଦ୍ୟାଳୟର ୨୦ ଜଣ ଏବଂ ଉପସ୍ଥିତ ଅନ୍ୟାନ୍ୟ ଯୋଗାଭ୍ୟାସକାରୀଙ୍କୁ ମିଶାଇ ସମୁଦାୟ ୧୨୦୦ ଜଣ ଅତିଥି ଛାତ୍ରଛାତ୍ରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ।ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଶତାଧିକ ଛାତ୍ରଛାତ୍ରୀ ଯୋଗୋତ୍ସବରେ ଯୋଗଦେବା ସହ ସ୍ୱେଚ୍ଛାସେବୀ ଦାୟିତ୍ୱ ତୁଲାଇଥିଲେ । ଯୋଗାଭ୍ୟାସ ମାଧ୍ୟମରେ ଶାନ୍ତି, ସଦ୍ଭାବ ଓ ଏକତା ବଜାୟ ରଖିବାକୁ ଉକ୍ତ କାର୍ଯ୍ୟକ୍ରମ କରିଆରେ ଏହା ଲୋକମାନଙ୍କ ପାଇଁ ଏକ ବାର୍ତ୍ତା ବୋଲି ମତପ୍ରକାଶ ପାଇଥିଲା । ପରିଶେଷରେ ଫାକଲ୍ଟି ଅଫ୍ ହେଲଥ୍ ଆଣ୍ଡ୍ ୱେଲନେସ୍ ଡିନ୍ ପ୍ରାଧ୍ୟାପକ ତାର୍ଥଙ୍କର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ
DHARITRI

03.04.2024

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗୋତ୍ସବ



ବାରଙ୍ଗ,୩।୪(ଲିଙ୍ଗରାଜ ରାଉତ)

କେନ୍ଦ୍ର ସରକାରଙ୍କ - ଆୟୁଷ ମନ୍ତ୍ରଣାଳୟ ଅଧୀନ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଏକ ଯୋଗ କାର୍ଯ୍ୟକ୍ରମ ଯୋଗୋତ୍ସବ- ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଧ୍ୟପ୍ରଦେଶ ଅମର କଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ନ୍ୟାଶନାଲ ଟ୍ରାଇବାଲ ୟୁନିଭର୍ସିଟିର ଯୋଗାଚାର୍ଯ୍ୟ ତଥା ୟୁନିଭର୍ସିଟି ସ୍ପୋର୍ଟ୍ସ ବୋର୍ଡ ସାଧାରଣ ସମ୍ପାଦକ ଡ. ହରେରାମ ପାଣ୍ଡେ ଯୋଗଦେଇଥିଲେ। ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ପାଇଁ ନିୟମିତ ରୂପେ ଯୋଗାଭ୍ୟାସ ଜରୁରୀ। ଭାରତୀୟ ଜ୍ଞାନ ପରମ୍ପରାରେ ଯୋଗ ଏପରି ଏକ ବିଷୟ, ଯାହା ଜୀବନ ଓ କ୍ୟାରିୟରକୁ ପରିବର୍ତ୍ତନ କରିବାରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ଫାକଲ୍ଟି ଅଫ୍ ହେଲଥ ଆଣ୍ଡ ୱେଲ୍‌ନେସ ପକ୍ଷରୁ ସହଯୋଗୀ ପ୍ରାଧ୍ୟାପିକା ଡ. ପ୍ରତିଭାଶ୍ରୀ ଏବଂ ଡ. ଜ୍ୟୋତି ଶର୍ମା ଶିବିର ପରିଚାଳନା କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ବି. ଆର୍. ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅଧକ୍ଷା ପ୍ରଫେସର ଡ. ରଜିତା କୁଲକର୍ଣ୍ଣୀ ଏବଂ କୁଳସଚିବ ଡ. ଦୀପା ବିନୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୋଗାଭ୍ୟାସକୁ ଜୀବନର ଏକ ଅଭିନ୍ନ ଅଙ୍ଗରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଯୋଗ ଉତ୍ସବରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଆଦିରୁ ମୋଟ ୧୨୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିସହ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗୋତ୍ସବରେ ଯୋଗଦେଇଥିଲେ। ପରିଶେଷରେ ଫାକଲ୍ଟି ଅଫ୍ ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ ଡିନ୍ ପ୍ରାଧ୍ୟାପକ ତୀର୍ଥଙ୍କର ଘୋଷ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ଯୋଗ ଦିବସର ଶହେ ଦିନ ପୂର୍ବରୁ ଏହାର ଅବଗଣନା ଜରିଆରେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଉତ୍କଣ୍ଠା ଓ ଉତ୍ସାହ ସୃଷ୍ଟି କରାଯାଉଛି। ଏଥିପାଇଁ ନୂଆଦିଲ୍ଲୀସ୍ଥିତ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ ୧୦୦ ଦିନରେ ୧୦୦ଟି ସହରର ୧୦୦ଟି ଅନୁଷ୍ଠାନକୁ ଯୋଡ଼ିବାକୁ ଆରମ୍ଭ ହୋଇଥିବା ପ୍ରୟାସରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ୟତମ ମୁଖ୍ୟ ପୁରୋଧା ସାଜିଛି। ତେବେ ଏହି ଅବଗଣନାର ୭୯ତମ ଦିବସରେ ତଥା ୨୦୨୪ ଅନ୍ତର୍ଜାତୀୟ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଏହାକୁ ଦିବ୍ୟ ଓ ଭବ୍ୟ ରୂପେ ପାଳନ କରିବାକୁ ବିଶ୍ୱବିଦ୍ୟାଳୟ ଏହି ଯୋଗୋତ୍ସବ ଆୟୋଜନ କରିଥିଲା।

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

03.04.2024

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗୋତ୍ସବ

ତ୍ରିଶୂଳିଆ, ୩।୪(ନି.ପ୍ର): ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ ବୁଧବାର ଯୋଗୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇନ୍ଦିରାଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟର ଯୋଗାଚାର୍ଯ୍ୟ ଡ.ହରେରାମ ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । କୁଳପତି ପ୍ରଫେସର ଡ. ବି. ଆର୍. ଶର୍ମା ଯୋଗ ଦ୍ୱାରା ଶରୀର ସୁସ୍ଥ ରହିଥାଏ । ସୁସ୍ଥ ଶରୀରରେ ହିଁ ଏକ ସୁସ୍ଥ ମନ ରହିବା ସମ୍ଭବପର ବୋଲି ମତ ଦେଇଥିଲେ । ପ୍ରଫେସର ଡ. ରଜିତା କୁଲକର୍ଣ୍ଣି ଏବଂ କୁଳସଚିବ ଡ.ଦୀପା ବିନୟ ପ୍ରମୁଖ ଯୋଗାଭ୍ୟାସକୁ ଜୀବନର ଏକ ଅଭିନ୍ନ ଅଙ୍ଗରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ । 'ଫାକଲ୍ଟି ଅଫ୍ ହେଲଥ ଆଣ୍ଡ ୱେଲନେସ୍' ପକ୍ଷରୁ ସହଯୋଗୀ ପ୍ରାଧ୍ୟାପିକା ଡ. ପ୍ରତିଭାଶ୍ରୀ ଏବଂ ଡ. ଜ୍ୟୋତି ଶର୍ମା ଶିବିର ପରିଚାଳନା କରିଥିଲେ । ଡିନ୍ ପ୍ରାଧ୍ୟାପକ ତାଙ୍କର ଘୋଷ ଧନ୍ୟବାଦ ଦେଇଥିଲେ ।



04.04.2024

**ଯୋଗ ଦିବସ ପୂର୍ବରୁ 'ଯୋଗୋତ୍ସବ' ପାଳିତ, ସାମିଲ ହେଲେ ୧୨୦୦ ଛାତ୍ରଛାତ୍ରୀ**

କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅନ୍ତର୍ଗତ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର 'ଯୋଗୋତ୍ସବ-୨୦୨୪' ନାମରେ ଏକ ବିଶାଳ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧ୍ୟପ୍ରଦେଶ ଅମରକଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ନ୍ୟାସନାଲ ଟ୍ରାଇବାଲ ୟୁନିଭର୍ସିଟିର ଯୋଗାଚାର୍ଯ୍ୟ ତଥା



କଟକ : କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅନ୍ତର୍ଗତ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର 'ଯୋଗୋତ୍ସବ-୨୦୨୪' ନାମରେ ଏକ ବିଶାଳ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧ୍ୟପ୍ରଦେଶ ଅମରକଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ନ୍ୟାସନାଲ ଟ୍ରାଇବାଲ ୟୁନିଭର୍ସିଟିର ଯୋଗାଚାର୍ଯ୍ୟ ତଥା ୟୁନିଭର୍ସିଟି ସ୍ପୋର୍ଟ୍ସ ବୋର୍ଡର ସାଧାରଣ ସମ୍ପାଦକ ଡଃ. ହରେରାମ ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଡଃ. ପାଣ୍ଡେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟସ୍ଥିତ 'ଆନ୍ତଃ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ'ର ପ୍ରକଳ୍ପ ପରାମର୍ଶଦାତା ମଧ୍ୟ ରହିଛନ୍ତି । ଅଦ୍ୟାବଧି ତାଙ୍କର ଆଠଟି ପୁସ୍ତକ ପ୍ରକାଶିତ ହୋଇଥିବା ବେଳେ ୩୭ଟି ଗବେଷଣାତ୍ମକ ସନ୍ଦର୍ଭ ମଧ୍ୟ ପ୍ରକାଶ ପାଇଛି।

ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ଡଃ. ପାଣ୍ଡେ ଯୋଗାଭ୍ୟାସର ଗୁଣଗାନ କରିବାକୁ ଯାଇ କହିଥିଲେ, ୪୮ ବର୍ଷ ବୟସରେ ଯେତେବେଳେ ମୁଁ ନେଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲି, ସେତେବେଳେ ପ୍ରାଣାୟାମ, ଯୋଗନିଦ୍ରା ଏବଂ ସୁପର ବ୍ରେନ୍ ଯୋଗ କରିବା ଦ୍ୱାରା ଉକ୍ତ ପରୀକ୍ଷାରେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେଇ

ପାରିଥିଲି। ଫଳରେ ମାତ୍ର ୩୫ ଦିନର ପ୍ରସ୍ତୁତିରେ ମୁଁ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲି। ଭାରତୀୟ ଜ୍ଞାନ ପରମ୍ପରାରେ ଯୋଗ ଏପରି ଏକ ବିଷୟ, ଯାହା ଆପଣଙ୍କ ଜୀବନ ଓ କ୍ୟାରିଅରକୁ ପରିବର୍ତ୍ତନ କରିବାରେ ସହାୟକ ହେବ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ଯୋଗ ଦିବସର ୧୦୦ ଦିନ ପୂର୍ବରୁ ଏହାର ଅବଗଣନା ଜରିଆରେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଉତ୍କଣ୍ଠା ଓ ଉତ୍ସାହ ସୃଷ୍ଟି କରାଯାଉଛି। ଏଥିପାଇଁ ନୂଆଦିଲ୍ଲୀସ୍ଥିତ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ 100 ଦିନରେ 100ଟି ସହରର 100ଟି ଅନୁଷ୍ଠାନକୁ ଯୋଡ଼ିବାକୁ ଆରମ୍ଭ ହୋଇଥିବା ପ୍ରୟାସରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ୟତମ ମୁଖ୍ୟ ପୁରୋଧା ସାଜିଛି । ତେବେ ଏହି ଅବଗଣନାର 79ତମ ଦିବସରେ ତଥା 2024 ଅନ୍ତର୍ଜାତୀୟ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଏହାକୁ ଦିବ୍ୟ ଓ ଭବ୍ୟ ରୂପେ ପାଳନ କରିବାକୁ ବିଶ୍ୱବିଦ୍ୟାଳୟ ଏହି ଯୋଗୋତ୍ସବ ଆୟୋଜନ କରିଥିଲା । 'ଫାକଲ୍ଟି ଅଫ୍ ହେଲଥ ଆଣ୍ଡ ୱେଲନେସ୍' ପକ୍ଷରୁ ସହଯୋଗୀ ପ୍ରାଧ୍ୟାପିକା ଡଃ. ପ୍ରତିଭାଶ୍ରୀ ଏବଂ ଡଃ. ଜ୍ୟୋତି ଶର୍ମା ଶିବିର ପରିଚାଳନା କରିଥିଲେ ।

ଏଥିରେ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧ୍ୟାପିକା ଡଃ. ରଜିତା କୁଲକର୍ଣ୍ଣୀ କହିଥିଲେ, ନିୟମିତ ଭାବରେ କଠିନ ପରିଶ୍ରମ କରିବା ଏକାନ୍ତ ଆବଶ୍ୟକ। ଶାରୀରିକ ଭାବରେ ସୁସ୍ଥ ଓ ନିରୋଗ ରହିବା ମନୁଷ୍ୟ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଆଉ ଏଥିପାଇଁ ଯାହା ଆବଶ୍ୟକ, ତାହା ହେଉଛି ଯୋଗ।

ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ. ବି. ଆର୍. ଶର୍ମା ଯୋଗଦେଇ କହିଥିଲେ, ସୁସ୍ଥ ଶରୀରରେ ହିଁ ଏକ ସୁସ୍ଥ ମନ ରହିବା ସମ୍ଭବପର। ନଚେତ୍ ଖୁସିରେ ରହିବାକୁ ଆମ ପନ୍ଥା ଥରେ ଭୁଲ୍ ହୋଇଗଲେ ଆମେ ସାରା ଜୀବନ ଏକ ଭୁଲ୍ ଜୀବନଶୈଳୀ ବଞ୍ଚିବାକୁ ବାଧ୍ୟ ହେଉ। ଆମ ବ୍ୟକ୍ତିତ୍ୱର ବିକାଶରେ ଖାଦ୍ୟର ବହୁତ ବଡ଼ ଯୋଗଦାନ ରହିଛି। ମଣିଷ ଜରାଗ୍ରସ୍ତ କିମ୍ବା ନିରୋଗ ରହିବ ଏହା ତା'ର ଆହାର ହିଁ ନିର୍ଦ୍ଧାରଣ କରେ।

କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ କହିଥିଲେ, ବେଳେବେଳେ ପରିଶ୍ରମ କରି ଥକିଯିବା ଆବଶ୍ୟକ। ଶାରୀରିକ ଭାବରେ ଥକିଯିବା ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି ସେ କହିଥିଲେ। ସେହିପରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳସଚିବ ଡଃ. ଦୀପା ବିନୟ ଯୋଗାଭ୍ୟାସକୁ ଜୀବନର ଏକ ଅଭିନ୍ନ ଅଙ୍ଗରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଯୋଗ ଉତ୍ସବରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୨୦୦ଜଣ ଅତିଥି ଛାତ୍ରଛାତ୍ରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଶତାଧିକ ଛାତ୍ରଛାତ୍ରୀ ଯୋଗୋତ୍ସବରେ ଯୋଗଦେବା ସହ ସ୍ୱେଚ୍ଛାସେବୀ ଦାୟିତ୍ୱ ତୁଲାଇଥିଲେ । ଯୋଗାଭ୍ୟାସ ମାଧ୍ୟମରେ ଶାନ୍ତି, ସଦ୍ଭାବ ଓ ଏକତା ବଜାୟ ରଖିବାକୁ ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଏହା ଲୋକମାନଙ୍କ ପାଇଁ ଏକ ବାର୍ତ୍ତା ବୋଲି ମତପ୍ରକାଶ ପାଇଥିଲା । ପରିଶେଷରେ ଫାକଲ୍ଟି ଅଫ୍ ହେଲଥ୍ ଆଣ୍ଡ ୱେଲନେସ୍ ଡିନ୍ ପ୍ରାଧ୍ୟାପକ ତୀର୍ଥଙ୍କର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।




**Link:**

**https://www.youtube.com/live/w7_06s_vSKc?si=oHF4JxpyVdaBcmVF**

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

**09.04.2024**

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ତ୍ରିଶୁଳିଆ, ୯ ।୪ (ନି.ପ୍ର) : ଆଇସିଏମ୍ଆର, ଆରଏମ୍ଆରସି ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଜିସିପି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଡ.ସିଦ୍ଧାର୍ଥ ଗିରିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ପ୍ରଫେସର ଦୀପା ବିନୟ ଉଦ୍‌ଘାଟନ କରିଥିଲେ । ନୂତନ ଔଷଧର ବିଭିନ୍ନ କ୍ଲିନିକାଲ ଟ୍ରାଏଲର ସମସ୍ତ ଦିଗ ସହ ସଠିକ୍ ମୂଲ୍ୟାୟନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ପ୍ରଫେସର ଅନିଲ ଶର୍ମା, ସମ୍ମାନିତ ଅତିଥି ପ୍ରଫେସର ତୀର୍ଥଙ୍କର ଘୋଷ ଓ ପ୍ରଫେସର ସୁନୀଲ କୁମାର ଧଳ ଉପସ୍ଥିତ ଥିଲେ । ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ ଏବଂ ପ୍ରଫେସର ଦୁର୍ଗାପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଫେସର ନଗେନ୍ଦ୍ର ପ୍ରସାଦ ପରିଚାଳନା କରିଥିଲେ ।

**14.04.2024**




LINK:

**https://www.facebook.com/share/v/XCEnJLES7zvrysHv/?mibextid=qi2Omg**

BHUBANESWAR, WEDNESDAY APRIL 17, 2024; PAGES 12 ₹4
Established 1864
the pioneer
www.dailypioneer.com

17.04.2024

# Sri Sri Univ launches journal 'Critical Contours'

PNS ■ CUTTACK

The Faculty of Arts, Communication and Indic Studies (FACIS) of Sri Sri University (SSU) here released the inaugural issue of its research journal titled "Critical Contours" on Sunday at a launch ceremony on the auspicious occasion of Bisuv Sankranti.

Eminent poet Ramakanta Rath unveiled the journal at the event attended by SSU Vice-Chancellor BP Sharma, Director Operations Swami Satyachaitanya, FACIS Dean Ratikant Mohapatra, FACIS Head Kamala Prasad Mahapatra and others. The inaugural issue of the multidisciplinary peer-reviewed research journal is dedicated to the founder of the university and spiritual leader Sri Sri Ravishankar.



In his welcome address, Mohapatra appreciated the efforts of the entire team behind the journal and hoped it would add to the academic excellence of the university. He lauded chief editor of the journal KP Mahapatra and editors KP Singh, Narayan Jena, Rakesh Tripathi and Madhumita Das for their work.

VC Sharma also congratulated the whole team and called the publication a testament to the commitment of the FACIS and SSU. He thanked the faculty members of the university for being a part of the journal and for contributing high-quality research articles to its inaugural issue.

CNBC

**17.04.2024**




**LINK:**

https://www.linkedin.com/posts/cnbc-tv18_enterpriseriskmanagement-irmindia-highereducation-activity-7186298382301224960-9Kgy?utm_source=share&utm_medium=member_ios

**IANS**

**17.04.2024**




**LINK**

**https://x.com/ians_india/status/1780615327664967681?s=46&t=Pm93JjPRrpWBo0LmfShFQg**

**R. REPUBLICWORLD.COM**

**17.04.2024**



**Sri Sri University Innovation Foundation Signs MoU to S...**

New Delhi: The Sri Sri University ...

www.republicworld.com

https://www.republicworld.com
/india/sri-sri-university-innovation
-foundation-signs-mou-to-strengthen
-indias-startup-ecosystem/?amp=1

Link:

https://www.republicworld.com/india/sri-sri-university-innovation-foundation-signs-mou-to-strengthen-indias-startup-ecosystem/?amp=1

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

**24.04.2024**

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ କର୍ମଶାଳା

ତ୍ରିଶୂଳିଆ, ୨୪।୪ (ନି.ପ୍ର) : ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ହେଲଥ୍ ଏବଂ ୱେଲନେସ୍ ବିଭାଗ ଓ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଚିକିତ୍ସା କ୍ଷେତ୍ରରେ ନୈତିକତା ଓ ରୋଗୀ ସହ ସୂଚନା ଆଦାନ ପ୍ରଦାନ କୌଶଳ ଏବଂ କଳା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ପ୍ରଫେସର ଜଇତା ମଣ୍ଡଳ ଘୋଷ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଡ. ଅନିର୍ବାଣ ବାଗ୍‌ଚୀ ଚିକିତ୍ସା କ୍ଷେତ୍ରରେ ନୈତିକତା ଏବଂ ରୋଗୀଙ୍କ ସହ ଯୋଗାଯୋଗ ପ୍ରସଙ୍ଗରେ ଆଲୋକପାତ କରିଥିଲେ । ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ରୋଗୀଙ୍କ ପ୍ରତି ଡାକ୍ତରମାନେ ସମ୍ବେଦନଶୀଳ ହେବା ଜରୁରୀ ବୋଲି କହିଥିଲେ । ପ୍ରଫେସର ତୀର୍ଥଙ୍କର ଘୋଷ ରୋଗୀ ଏବଂ ଚିକିତ୍ସକଙ୍କ ମଧ୍ୟରେ ଦୂରତା ସମାଜ ପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ । ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

